NATIONAL NEWS BULLETIN (ODIA)

6 November- 2026

Morning Bulletin : 7.15 a.m.

****

ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଆରମ୍ଭ ହେବ ଦେଶବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନର ପଞ୍ଚମ ସଂସ୍କରଣ ।
- ଅକ୍ଷୟ ଶକ୍ତି କ୍ଷେତ୍ରରେ ଧାର୍ଯ୍ୟ ସମୟ ପୂର୍ବରୁ ଭାରତ ପୁଞ୍ଜିନିବେଶ ଲକ୍ଷ୍ୟ ଅତିକ୍ରମ କରିବ – କହିଲେ କେନ୍ଦ୍ରମନ୍ତ୍ରୀ ।
- ୟୁନେସ୍କୋର ମେମୋରି ଅଫ୍ ଦ ୱାର୍ଲ୍ଡ ରେଜିଷ୍ଟରରେ ସାମିଲ ହେଲା ରାଜତରଙ୍ଗିଣୀ, ମହାଭାରତ ଓ ଅର୍ଥଶାସ୍ତ୍ର ।
- ରୁଷ୍-ୟୁକ୍ରେନ୍ ଯୁଦ୍ଧ ଅବସାନ ପାଇଁ ଖୁବ୍‌ଶୀଘ୍ର ଶାନ୍ତିଚୁକ୍ତି ହେବାନେଇ ଆମେରିକା ରାଷ୍ଟ୍ରପତିଙ୍କ ଆଶାପ୍ରକାଶ ।

ଏବଂ

- ଏସୀୟ ହକିରେ ଜାପାନକୁ ପରାସ୍ତ କରି ଷଷ୍ଠଥର ପାଇଁ ଭାରତ ଚମ୍ପିଆନ ।

ଜିତେନ୍ଦ୍ର ସିଂହ ଡିଏଲ୍ପି-୫

କେନ୍ଦ୍ର କାର୍ମିକ ସାଧାରଣ ଅଭିଯୋଗ ଓ ପେନ୍‌ସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଜି ନୂଆଦିଲ୍ଲୀରେ ଦେଶବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନର ପଞ୍ଚମ ସଂସ୍କରଣର ଶୁଭାରମ୍ଭ କରିବେ। ପେନ୍‌ସନ୍ ଓ ପେନ୍‌ସନ୍‌ଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି ଏକମାସିଆ ଅଭିଯାନ ଚଳିତ ମାସ ୩୦ ତାରିଖ ଯାଏଁ ସାରା ଦେଶରେ ଚାଲିବ।

ଡିଜିଟାଲ୍ ପ୍ରଯୁକ୍ତିର ବ୍ୟବହାର କରି ପେନ୍‌ସନ୍‌ଭୋଗୀଙ୍କ ପାଇଁ ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାକୁ ଅଧିକ ସହଜ ଓ ସୁବିଧାଜନକ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏଥିରେ ଜୀବନ ପ୍ରମାଣ ଆପ୍ ମାଧ୍ୟମରେ ମୁଖମଣ୍ଡଳ ଚିହ୍ନଟ କରି ପ୍ରମାଣପତ୍ର ଦାଖଲ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଏହି ଅଭିଯାନରେ ୮୦ ବର୍ଷରୁ ଅଧିକ ବୟସ୍କ ପେନ୍‌ସନ୍‌ଭୋଗୀ ମହିଳା ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ପେନ୍‌ସନ୍‌ଭୋଗୀଙ୍କୁ ବିଶେଷ ସୁବିଧା ଯୋଗାଇ ଦିଆଯିବ। ଅଭିଯାନ କେନ୍ଦ୍ରକୁ ଯାଇପାରୁ ନଥିବା ବୟସ୍କ ଓ ଅସୁସ୍ଥ ପେନ୍‌ସନ୍‌ଭୋଗୀଙ୍କ ପାଇଁ ଘରେ ପହଞ୍ଚି ସେବା ଯୋଗାଇବାର ବ୍ୟବସ୍ଥା ମଧ୍ୟ ରହିଛି। ସରକାରୀ ବ୍ୟାଙ୍କ, ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ, **UIDAI** ଏବଂ ପେନ୍‌ସନ୍‌ଭୋଗୀ ସଂଘ ସମେତ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ସହଯୋଗରେ ଏହି ଅଭିଯାନ ପରିଚାଳିତ ହେଉଛି।

ଜୟଶଙ୍କର-ଆଣ୍ଟିଗୁଆ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଣ୍ଟିଗୁଆ ଓ ବାର୍ବୁଡା ସହ ଭାରତର ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟଗୋଷ୍ଠୀ ରାଷ୍ଟ୍ରମୁଖ୍ୟଙ୍କ ବୈଠକ ଅବସରରେ ଶ୍ରୀ ଜୟଶଙ୍କର ଆଣ୍ଟିଗୁଆ ଓ ବାର୍ବୁଡାର ପ୍ରଧାନମନ୍ତ୍ରୀ ଗାଷ୍ଟନ୍ ବ୍ରାଉନ୍‌ଙ୍କୁ ଭେଟିଥିଲେ। ଏହି ଆଲୋଚନାରେ ବାଣିଜ୍ୟ, ପୁଞ୍ଜିନିବେଶ, ଅକ୍ଷୟ ଶକ୍ତି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଥିଲା।

ଶ୍ରୀ ଜୟଶଙ୍କର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶୁଭେଚ୍ଛା ପ୍ରଧାନମନ୍ତ୍ରୀ ବ୍ରାଉନ୍‌ଙ୍କୁ ଜଣାଇବା ସହ ଏହି ବୈଠକର ସଫଳ ଆୟୋଜନ ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହା ପୂର୍ବରୁ ସେ ଆଣ୍ଟିଗୁଆ ଓ ବାର୍ବୁଡାର ବୈଦେଶିକ ମନ୍ତ୍ରୀ ଚେଟ୍ ଗ୍ରୀନ୍‌ଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ, ଶିକ୍ଷା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ତାଲିମ ଓ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଉଭୟ ପକ୍ଷ ଗୁରୁତ୍ୱ ଦେଇଥିଲେ।

ଅନ୍ୟପକ୍ଷରେ ଡକ୍ଟର ଜୟଶଙ୍କର କହିଛନ୍ତି, ବିଶ୍ୱର ଅନିଶ୍ଚିତ ପରିସ୍ଥିତିରେ ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକୁ ନିଜ ଅର୍ଥନୀତିରେ ବିପଦ ହ୍ରାସ କରିବା ସହ ଯୋଗାଣ ବ୍ୟବସ୍ଥାରେ ବିବିଧତା ଆଣିବାକୁ ହେବ ବୋଲି କହିଛନ୍ତି। ଏଥିପାଇଁ ଭରସାଯୋଗ୍ୟ ଯୋଗାଣ ଶୃଙ୍ଖଳ, ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଓ ସୁଦୃଢ଼ ସ୍ଥାନୀୟ ବିତରଣ ନେଟୱର୍କ ଗଠନ ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ଇଣ୍ଡିଆ ଗ୍ରୀନ୍ ଏନର୍ଜି ସେକ୍ଟର

ଅକ୍ଷୟ ଶକ୍ତି କ୍ଷେତ୍ରରେ ଭାରତର ପୁଞ୍ଜିନିବେଶ ଲକ୍ଷ୍ୟ ଧାର୍ଯ୍ୟ ସମୟ ପୂର୍ବରୁ ଅତିକ୍ରମ କରିବ ବୋଲି କେନ୍ଦ୍ର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଆଶା ପ୍ରକାଶ କରିଛନ୍ତି। ଭାରତ ନବୀକରଣୀୟ ଶକ୍ତି ସମ୍ମିଳନୀ-୨୦୨୬ର ଉଦ୍‌ଯାପନୀ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଯୋଶୀ କହିଛନ୍ତି, ଗତ ଦୁଇ ବର୍ଷ ମଧ୍ୟରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଦେଶକୁ ସାତ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ମିଳିଛି। ଏଥିରେ ଘରୋଇ ପୁଞ୍ଜି ସହିତ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ମଧ୍ୟ ରହିଛି।

୨୦୩୦ ସୁଦ୍ଧା ଅଣ-ଜୀବାଶ୍ମ ଇନ୍ଧନରୁ ୫୦୦ ଗିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ହାସଲ ଲକ୍ଷ୍ୟ ନିର୍ଦ୍ଧାରିତ ସମୟରେ ପୂରଣ ହେବ ବୋଲି ଶ୍ରୀ ଯୋଶୀ କହିଛନ୍ତି। ଏଥିସହ ଆଉ ୩୦୦ ଗିଗାୱାଟ୍ କ୍ଷମତା ଯୋଡ଼ିବା ପାଇଁ ମଧ୍ୟ ରଣନୀତି ପ୍ରସ୍ତୁତ ହେଉଛି। ବର୍ତ୍ତମାନ ଦେଶର ଅଣ-ଜୀବାଶ୍ମ ଶକ୍ତି ଉତ୍ସରୁ ସ୍ଥାପିତ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୩୧୦ ଗିଗାୱାଟ୍ ରହିଛି।

ଅନ୍ୟପକ୍ଷରେ, ସୌର ପ୍ୟାନେଲ୍ ବର୍ଜ୍ୟବସ୍ତୁର ପୁନଃଚକ୍ରଣ ପାଇଁ ସରକାର ନୂଆ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଥିବା ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡଙ୍ଗୀ କହିଛନ୍ତି।

ଗୋଆ ମାଇନିଂ

କୋଇଲା ଓ ଖଣିଜ ପଦାର୍ଥର କିଣାବିକା ପାଇଁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର ଏକ୍ସଚେଞ୍ଜ୍ ବା ବଜାର ବ୍ୟବସ୍ଥା ଆରମ୍ଭ କରିବେ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟର ପ୍ରାୟ ୯୦ ପ୍ରତିଶତ ଶେଷ ହୋଇଛି। ଗତକାଲି ଦକ୍ଷିଣ ଗୋଆରେ ଖଣି ଓ କୋଇଲା କ୍ଷେତ୍ରରେ ସଂସ୍କାର ସମ୍ପର୍କିତ ଚତୁର୍ଥ ଖଣି ମନ୍ତ୍ରୀ ସମ୍ମିଳନୀରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ଏହା କହିଛନ୍ତି।

ଏହି ଏକ୍ସଚେଞ୍ଜ୍ ମାଧ୍ୟମରେ ବିଭିନ୍ନ ରାଜ୍ୟରେ ଉତ୍ପାଦିତ କୋଇଲା ଓ ଖଣିଜ ପଦାର୍ଥର କିଣାବିକା ପାଇଁ କମ୍ପାନୀ, ଉଦ୍ୟୋଗ ଓ ବ୍ୟବସାୟୀଙ୍କୁ ଗୋଟିଏ ସାଧାରଣ ମଞ୍ଚ ମିଳିବ। ଏଥିରେ ଲୁହାପଥର, ଚୂନପଥର, ବକ୍ସାଇଟ୍, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ କୋଇଲା ସାମିଲ ହେବ। ଏହାଦ୍ୱାରା ବଜାରରେ ଖଣିଜ ପଦାର୍ଥର ଉପଲବ୍ଧତା ବୃଦ୍ଧିପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଶ୍ରୀ ରେଡ୍ଡୀ କହିଛନ୍ତି, ଖଣି କ୍ଷେତ୍ରରୁ ମିଳୁଥିବା ରାଜସ୍ୱର ୯୬ ପ୍ରତିଶତ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କୁ ମିଳୁଛି।

ୟୁନେସ୍କୋ-ଥ୍ରୀ ୱାର୍କ୍ସ

ଭାରତର ସମୃଦ୍ଧ ସାହିତ୍ୟ ଓ ଜ୍ଞାନ ପରମ୍ପରାକୁ ଆନ୍ତର୍ଜାତିକ ସ୍ୱୀକୃତି ମିଳିଛି। କଲ୍‌ହଣଙ୍କ ରଚିତ 'ରାଜତରଙ୍ଗିଣୀ', 'ମହାଭାରତ' ଏବଂ କୌଟିଲ୍ୟଙ୍କ 'ଅର୍ଥଶାସ୍ତ୍ର'କୁ ୟୁନେସ୍କୋର 'ମେମୋରୀ ଅଫ୍ ଦି ୱାଲ୍ର୍ଡ' ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଆଞ୍ଚଳିକ ରେଜିଷ୍ଟରରେ ସାମିଲ କରାଯାଇଛି।

ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ଏହି ରେଜିଷ୍ଟରର ଏକାଦଶ ଅଧିବେଶନରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ସହିତ ଆଞ୍ଚଳିକ ରେଜିଷ୍ଟରରେ ଭାରତର ମୋଟ ସ୍ଥାନ ପାଇଥିବା ଐତିହ୍ୟର ସଂଖ୍ୟା ୬କୁ ବୃଦ୍ଧି ପାଇଛି।

'ରାଜତରଙ୍ଗିଣୀ'ରେ କାଶ୍ମୀରର ଇତିହାସ, 'ମହାଭାରତ'ରେ ଧର୍ମ, କର୍ତ୍ତବ୍ୟ ଓ ମାନବୀୟ ମୂଲ୍ୟବୋଧ ଏବଂ 'ଅର୍ଥଶାସ୍ତ୍ର'ରେ ଶାସନ, କୂଟନୀତି ଓ ରାଷ୍ଟ୍ର ପରିଚାଳନା ସମ୍ପର୍କରେ ଉଲ୍ଲେଖ ରହିଛି।

ଏହି ସ୍ୱୀକୃତି ଭାରତର ସଭ୍ୟତାଗତ ନିରନ୍ତରତା ଓ ସମୃଦ୍ଧ ଜ୍ଞାନ ପରମ୍ପରାର ଏକ ଗୌରବମୟ ସ୍ୱୀକାରୋକ୍ତି ବୋଲି କୁହାଯାଇଛି। ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ରର ସଦସ୍ୟ ସଚିବ ଡକ୍ଟର ସଚ୍ଚିଦାନନ୍ଦ ଯୋଶୀ ଏହି ସୂଚନା ଦେଇଛନ୍ତି। ଏହି ତିନିଟି ଗ୍ରନ୍ଥର ନାମାଙ୍କନ ପ୍ରସ୍ତୁତିରେ ଏହି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ଟ୍ରମ୍ପ-ୟୁକ୍ରେନ୍ ପିସ୍

ରୁଷ୍-ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଖୁବ୍‌ଶୀଘ୍ର ଶାନ୍ତି ଚୁକ୍ତି ହେବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଶାପ୍ରକାଶ କରିଛନ୍ତି। ଶ୍ରୀ ଟ୍ରମ୍ପ କହିଛନ୍ତି ଏହି ଚୁକ୍ତି କେବଳ ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ସୀମିତ ନ ରହି ସମଗ୍ର ୟୁରୋପକୁ ମଧ୍ୟ ସାମିଲ କରାଯାଇପାରେ ।

ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଶ୍ରୀ ଟ୍ରମ୍ପ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଯୋଗାଯୋଗ ଓ କୂଟନୈତିକ ଉଦ୍ୟମକୁ ଆଗେଇ ନେବାରେ ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପ ମାନବିକ ପ୍ରୟାସ କରୁଛନ୍ତି। ଏହା ଶାନ୍ତି ଚୁକ୍ତି ପାଇଁ ଆଶା ସୃଷ୍ଟି କରିଛି।

ଏହାସହ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ପ୍ରତିନିଧି କିରିଲ୍ ଦିମିତ୍ରିଏଭ୍‌ଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ସାକ୍ଷାତ ହୋଇଥିବା ଶ୍ରୀ ଟ୍ରମ୍ପ ସ୍ୱୀକାର କରିଛନ୍ତି। ତେବେ ସେ ଆଲୋଚନାର ବିଷୟବସ୍ତୁ ପ୍ରକାଶ କରିନାହାନ୍ତି।

ଯୁଦ୍ଧର ଭୟାବହ ମାନବୀୟ କ୍ଷତି ଉପରେ ଚିନ୍ତା ପ୍ରକାଶ କରି ଶ୍ରୀ ଟ୍ରମ୍ପ କହିଛନ୍ତି, ପ୍ରତି ମାସରେ ରୁଷ୍ ଓ ୟୁକ୍ରେନ୍‌ର ପ୍ରାୟ ୨୫ ହଜାର ଲୋକଙ୍କ ଜୀବନ ଯାଉଛି। ତେଣୁ ଏହି ଯୁଦ୍ଧର ଅବସାନ ଜରୁରୀ ବୋଲି ସେ କହିଛନ୍ତି।

ରୁଷ୍-ଇରାନ

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ମେଜର ଜେନେରାଲ୍ ମୋହସେନ୍ ରେଜାଇଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି। ଇରାନର ସରକାରୀ ପ୍ରସାରଣ ସଂସ୍ଥା ଏହି ସୂଚନା ଦେଇଛି।

ଅନ୍ୟପକ୍ଷରେ, ଆମେରିକା ସହ ଆଲୋଚନାରେ ଇରାନର ମୁଖ୍ୟ ଆଲୋଚନାକାରୀ ତଥା ସଂସଦ ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଆମେରିକୀୟ ନେତୃତ୍ୱକୁ କଡ଼ା ସମାଲୋଚନା କରିଛନ୍ତି। ଇସ୍ରାଏଲକୁ

ପ୍ରାଥମିକତା ଦେବା ନୀତି ଆମେରିକାକୁ ସଙ୍କଟ ଆଡ଼କୁ ଠେଲି ଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ଓମାନ-ଇରାନ ମଧ୍ୟରେ ସାମୁଦ୍ରିକ ସୁରକ୍ଷା ଓ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ କରିବା ନେଇ ଆଲୋଚନା ହୋଇଛି।

ପାରାଗୁଏ-ପ୍ରେସିଡେଣ୍ଟ ରିଜାଇନ୍ସ

ପାରାଗୁଏରେ ବଡ଼ ଧରଣର ବ୍ୟାଙ୍କିଂ ସଙ୍କଟ ମଧ୍ୟରେ ରାଷ୍ଟ୍ରପତି ସାଣ୍ଟିଆଗୋ ପେନା ଇସ୍ତଫା ଦେଇଇଛନ୍ତି । ଘରୋଇ **UENO** ବ୍ୟାଙ୍କ ବନ୍ଦ ହୋଇଯିବା ପରେ ହଜାର ହଜାର ଗ୍ରାହକ ନିଜ ଜମା ଟଙ୍କା ଉଠାଇବାରେ ଅସମର୍ଥ ହୋଇଛନ୍ତି। ଏକ ଭିଡିଓ ବାର୍ତ୍ତାରେ ରାଷ୍ଟ୍ରପତି ପେନା କହିଛନ୍ତି, ଦେଶର ସ୍ଥିରତା, ସାମାଜିକ ଶାନ୍ତି ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ସୁରକ୍ଷା ପାଇଁ ସେ ଏହି ପଦକ୍ଷେପ ନେଇଛନ୍ତି। ଜମାକାରୀଙ୍କ ଟଙ୍କା ସୁରକ୍ଷିତ ରଖିବା ତାଙ୍କର ତୁରନ୍ତ ପ୍ରାଥମିକତା ବୋଲି ସେ କହିଛନ୍ତି।

ତେବେ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆଗକୁ ବଢ଼ିବ କିମ୍ବା ତାଙ୍କ ଇସ୍ତଫା ଗ୍ରହଣ କରାଯିବ, ସେ ନେଇ ସିନେଟ୍ ନିଷ୍ପତ୍ତି ନେବ। ଶ୍ରୀ ପେନା ୨୦୨୩ ମସିହା ଅଗଷ୍ଟରେ ୫ ବର୍ଷ ପାଇଁ ରାଷ୍ଟ୍ରପତି ପଦ ଗ୍ରହଣ କରିଥିଲେ।

ଇଣ୍ଡିଆ-କଲମ୍ବିଆ

ଭାରତ-କଲମ୍ବିଆ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ସହ ବିଭିନ୍ନ କ୍ଷେତ୍ରରେ ସହଭାଗିତାକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି।

କଲମ୍ବିଆରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ବିନୋଦ ବାହାଡେ, କଲମ୍ବିଆର ବହୁପକ୍ଷୀୟ ବ୍ୟାପାର ବିଭାଗର ଉପମନ୍ତ୍ରୀ ଡାନିଏଲା ରେଷ୍ଟ୍ରାପୋ ଡୁଆର୍ଟେଙ୍କୁ ସାକ୍ଷାତ କରିଛନ୍ତି। ଉଭୟ ଦେଶର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ବହୁପକ୍ଷୀୟ ପ୍ରସଙ୍ଗରେ ସହଯୋଗ ବୃଦ୍ଧି ନେଇ ଆଲୋଚନା ହୋଇଛି ।

ସେହିପରି, ମାଦ୍ରିଦରେ ଅନୁଷ୍ଠିତ ୩୦ତମ ଆଇବେରୋ-ଆମେରିକୀୟ ଶିଖର ସମ୍ମିଳନୀ ଅବସରରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା, କଲମ୍ବିଆର ବୈଦେଶିକ ମନ୍ତ୍ରୀ ଓମାର ବୁଲା ଏସ୍କୋବାରଙ୍କ ସହ ଆଲୋଚନା କରିଛନ୍ତି। ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଏବଂ ବହୁପକ୍ଷୀୟ ମଞ୍ଚରେ ସହଯୋଗ ବୃଦ୍ଧି ଉପରେ ଉଭୟ ଆଲୋଚନା କରିଥିବା ଜଣାପଡିଛି ।

ଦୀପୋତ୍ସବ-୨୦୨୬ ଅଯୋଧ୍ୟା

ଉତ୍ତରପ୍ରଦେଶର ଅଯୋଧ୍ୟାରେ ଗତକାଲିଠାରୁ ଦୀପୋତ୍ସବ-୨୦୨୬ ଆରମ୍ଭ ହୋଇଛି । ଏହି ଅବସରରେ ମା' କାମାକ୍ଷା ଧାମ ନିକଟ ଗୋମତୀ ନଦୀତଟରେ ଷଷ୍ଠ ବାର୍ଷିକ ଦୀପୋତ୍ସବ ପାଳନ ଅବସରରେ ଏକ ଲକ୍ଷ ୫୧

ହଜାର ମାଟିଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ତପସ୍ୱୀ ଛାଉଣୀର ପୀଠାଧୀଶ୍ୱର ଜଗଦ୍‌ଗୁରୁ ପରମହଂସ ଆଚାର୍ଯ୍ୟଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ।

ସେହିପରି ଉତ୍ତରପ୍ରଦେଶର ମୁରାଦାବାଦରେ ମଧ୍ୟ ଦୀପୋତ୍ସବ ପାଳନ କରାଯାଇଛି। ସେଠାକାର ରାମଲୀଳା ପଡ଼ିଆରେ ମୁରାଦାବାଦ ମହାନଗର ନିଗମ ପକ୍ଷରୁ ଆୟୋଜିତ ଦୀପୋତ୍ସବରେ ପାଞ୍ଚ ଲକ୍ଷ ମାଟିଦୀପ ପ୍ରଜ୍ୱଳନ କରାଯାଇଥିଲା।

ପଞ୍ଜାବ ହକି

ଏସୀୟ ହକିରେ ଭାରତର ଐତିହାସିକ ବିଜୟ ହୋଇଛି। ଜାପାନକୁ ୪-୧ ଗୋଲ୍‌ରେ ପରାସ୍ତ କରି ଭାରତ ନବମ ହିରୋ ଏସୀୟ ହକି ଚାମ୍ପିଅନ୍‌ସିପ୍ ଟ୍ରଫି ଷଷ୍ଠଥର ପାଇଁ ହାସଲ କରିଛି।

ମୋହାଲିସ୍ଥିତ ଅଲିମ୍ପିଆନ୍ ବଲବୀର ସିଂହ ବରିଷ୍ଠ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତ ଏହି ସଫଳତା ହାସଲ କରିଛି।

ଅନ୍ୟପକ୍ଷରେ, ଦକ୍ଷିଣ କୋରିଆକୁ ୫-୨ ଗୋଲ୍‌ରେ ପରାସ୍ତ କରି ମାଲେସିଆ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରିଛି। ଅନ୍ୟଏକ ମ୍ୟାଚ୍‌ରେ ଚୀନ୍ ୩-୧ ଗୋଲ୍‌ରେ ବାଂଲାଦେଶକୁ ପରାସ୍ତ କରି ପ୍ରତିଯୋଗିତାରେ ପଞ୍ଚମ ସ୍ଥାନ ଅଧିକାର କରିଛି।